# ମିଶନ ଶକ୍ତି ଯୋଜନାରେ ବ୍ୟବସାୟ ଆଳରେ ୬ କୋଟି ଠକେଇ

**ବ୍ରହ୍ମପୁର,୩।୮ (ସମିସ)**

ମିଶନ ଶକ୍ତି ଯୋଜନା ଆଳରେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କ ଠାରୁ ୬କୋଟି ଠକି ନେଇଛନ୍ତି କୋଦଳା ଅଞ୍ଚଳର ଜଣେ ବ୍ୟକ୍ତି ଓ ତାଙ୍କ ସହଯୋଗୀ। ଏନେଇ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ମୟୂରୀ ବିହାର ୪ର୍ଥ ଲାଇନ୍ ବାସିନ୍ଦା ଅନୁରାଗ ମିଶ୍ରଙ୍କ ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଛି। ଗତବର୍ଷ ଜଣେ ବନ୍ଧୁଙ୍କ ଜରିଆରେ କୋଦଳାର ଜଣେ ବ୍ୟକ୍ତିଙ୍କ ସହ ଅନୁରାଗଙ୍କର ପରିଚୟ ହୋଇଥିଲା। କୋଦଳାର ସମ୍ପୃକ୍ତ ବ୍ୟକ୍ତି ଜଣକ ଅନୁରାଗଙ୍କୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସମ୍ପର୍କରେ କହିଥିଲେ। ବିଭିନ୍ନ ବ୍ଲକ ଓ ମହିଳା ଗୋଷ୍ଠୀଙ୍କୁ ସାମଗ୍ରୀ ଯୋଗାଣ ଭଳି ବିଭିନ୍ନ କାର୍ଯ୍ୟ ହାତକୁ ନେବାକୁ ସଂପୃକ୍ତ ବ୍ୟକ୍ତି ଜଣକ ଅନୁରାଗଙ୍କୁ ବୁଝାଇବା ସହ ସେଥିରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇ ଥିଲେ। ଅନୁରାଗ ସମ୍ପୃକ୍ତ ବ୍ୟକ୍ତିଙ୍କ କଥାରେ ରାଜି ହୋଇ ପର୍ଯ୍ୟାୟକ୍ରମେ ଟଙ୍କା ନିବେଶ କରି ଚାଲିଥିଲେ। ବିଭିନ୍ନ ବ୍ଲକକୁ ସାମଗ୍ରୀ ଯୋଗାଣ ନାଁରେ ସଂପୃକ୍ତ ବ୍ୟକ୍ତି ଜଣକ ଅନୁରାଗଙ୍କୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ କହୁଥିଲେ। ଅନୁରାଗ କେତେବେଳେ ୩୦ଲକ୍ଷ ତ' ଆଉ କେତେବେଳେ ୫୦ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ତେବେ ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରାୟ ୧୦୦ଟି ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିଥିଲେ। ଏବଂ ସେ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ବିଭିନ୍ନ ସପ୍ଲାୟର୍ସ ଓ ମହିଳା ଗୋଷ୍ଠୀ ସଭାନେତ୍ରୀଙ୍କର ବୋଲି ଅନୁରାଗଙ୍କୁ ଜଣାଉଥିଲେ। ୨୦୨୪ ମେ' ୯ରୁ ୨୦୨୫ ଏପ୍ରିଲ ୪ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଅନୁରାଗଙ୍କ ଠାରୁ ପ୍ରାୟ ୯କୋଟି ଟଙ୍କା ନେଇ ଯାଇଥିଲେ। ଉକ୍ତ ଯୋଜନାରେ କାମ ସମ୍ପୂର୍ଣ୍ଣ ହୋଇ ବିଲ୍ ହୋଇଥିବା ଦର୍ଶାଇ ୩ କୋଟି ୫ଲକ୍ଷ ଟଙ୍କା ପର୍ଯ୍ୟାୟକ୍ରମେ ଅନୁରାଗଙ୍କୁ ଫେରସ୍ତ କରିଥିଲେ। ତେବେ ୨୦୨୫ ଏପ୍ରିଲ ପରଠାରୁ ଅନୁରାଗ ନିଜ ଟଙ୍କା ଆଉ ଫେରସ୍ତ ପାଇନଥିଲେ। ଏନେଇ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚାରିବା ପରେ ସେ ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଯାଞ୍ଚପରେ ତାଙ୍କ ଟଙ୍କା ମିଶନ ଶକ୍ତି ଭଳି କୌଣସି ଯୋଜନା କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇନଥିବା ଅନୁରାଗ ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ଅନୁରାଗ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ବ୍ୟବସାୟୀ ଜଣକ ଯେଉଁ ସବୁ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ପଠାଇଥିଲେ ସେଭଳି ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଥିବା ଥାନା ଅଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

- ୧୦୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟରେ ନେଇଛନ୍ତି ଟଙ୍କା
- ଅଭିଯୋଗ ପରେ ବହୁ ଆକାଉଣ୍ଟ ଫ୍ରିଜ୍ କଲା ପୁଲିସ

## ବିଶ୍ୱକର୍ମା ସମାଜ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**ରମ୍ଭା,୩।୮ (ସମିସ):** ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ସାନଗୋପାଳପୁର ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ(ବଢ଼େଇ କୁଳ) ଆନୁକୂଲ୍ୟରେ ବିରୁଳି ତାଲୁକା ବିଶ୍ୱକର୍ମା ସମାଜର ନୂତନ କର୍ମକର୍ତ୍ତା ଶପଥ ଗ୍ରହଣ ଉତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିରୁଳି ତାଲୁକା ନୂତନ ସଭାପତି ଯୋଗେନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ ୩୪ ତାଲୁକା ସଭାପତି ସନ୍ତୋଷ କୁମାର ମହାରଣାଙ୍କ ଦ୍ୱାରା ରାଜଶ୍ରୀଙ୍କ ଉପସ୍ଥିତିରେ ଶପଥପାଠ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଏହି ଉତ୍ସବରେ ଦକ୍ଷିଣ ଓଡିଶା ବିଶ୍ୱକର୍ମା ସମାଜର ସମ୍ପାଦକ ହାଡୁବନ୍ଧୁ ମହାରଣା, ଅଶୋକ କୁମାର ମହାରଣା, କୋଷାଧ୍ୟକ୍ଷ ବାଇନାଥ ମହାରଣା, ଆଇନ ପରାମର୍ଶଦାତା, ରାମକୃଷ୍ଣ ମହାରଣା, କେନ୍ଦ୍ରୀୟ କମିଟି ଯୁଗ୍ମ ସମ୍ପାଦକ ସୁରେଶ ମହାରଣା, ସଭ୍ୟ ଅଶୋକ ମହାରଣା, ସମ୍ମାନିତ ଅତିଥି ରୂପେ ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ପୂର୍ବତନ ରାଜଶ୍ରୀ କୃଷ୍ଣଚନ୍ଦ୍ର ମହାରଣା, ପ୍ରଫୁଲ୍ଲ ମହାରଣା, ଜୋରଡ଼ା ରାଜଶ୍ରୀ କୈଳାଶ ମହାରଣା, ବିରୁଳି ତାଲୁକାର ସମ୍ପାଦକ ଦଣ୍ଡପାଣି ମହାରଣା ସମେତ ଦକ୍ଷିଣ ଓଡ଼ିଶାର ସମସ୍ତ ତାଲୁକାର ପଦାଧିକାରୀମାନେ ମଞ୍ଚାସୀନ ଥିଲେ। ବାବୁଲା ମହାରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଧର ମହାରଣା ପରିଚାଳନା କରିଥିବା ବେଳେ ସନ୍ତୋଷପୁରପରିଚାଳନାକମିଟିସହଯୋଗ କରିଥିଲେ। ଏହି ଶପଥ ପାଠ ଉତ୍ସବରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ତାଲୁକା ବଢ଼େଇ ସମାଜର ସଦସ୍ୟ ଉପସ୍ଥିତ ରହିଥିଲେ।

## ସଂଘବଦ୍ଧ ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ଖଲ୍ଲିକୋଟ/ରମ୍ଭା,୩।୮ (ସମିସ):** ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅନ୍ତର୍ଗତ ଆର. ବାହାଡାପଲ୍ଲୀ ଗ୍ରାମର ବି. ମନୁ ପ୍ରଧାନ (୫୫)ଙ୍କ ଉପରେ ଶନିବାର ରାତିରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ସେ ସାବୁଳିଆରୁ ନିଜ ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ରମ୍ଭା ରେଳ ଫାଟକ ନିକଟରେ ତାଙ୍କୁ କେତେକ ଯୁବକ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ମନୁ ପ୍ରଧାନ ଆର. ବାହାଡାପଲ୍ଲୀ ଗ୍ରାମରେ ଏକ ରାସନ ସାମଗ୍ରୀ ଦୋକାନ କରିଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଉପରେ ଏଭଳି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ କରି ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏସମ୍ପର୍କରେ ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କୁମାର ମୁଦୁଲି କହିଛନ୍ତି। ବିଳମ୍ବିତ ରାତିରେ ବ୍ରହ୍ମପୁର ଠାରେ ବି. ମନୁ ପ୍ରଧାନଙ୍କ ମୃତ୍ୟୁ ପରେ ରବିବାର ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନରେ ମୃତଦେହ ଗାଁକୁ ଆସିବା ପରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

**୨ ଜଣଙ୍କୁ ଅଟକ ରଖି ପୁଲିସର ତଦନ୍ତ**

**ଆଜି ଶ୍ରାବଣ ଶେଷ ସୋମବାର**

## ଶୈବ ପୀଠରେ ବ୍ୟାପକ ପ୍ରସ୍ତୁତି



**ବ୍ରହ୍ମପୁର,୩।୮ (ସମିସ):** ଶ୍ରାବଣ ମାସ ଶେଷ ସୋମବାର। ଏହି ଉପଲକ୍ଷେ ରବିବାର ଅପରାହ୍ନରୁ କାଉଡ଼ିଆମାନେ ପାଣି ଆଣିବାକୁ ବିଭିନ୍ନ ଜଳାଶୟ ଓ ପୂଣ୍ୟତୋୟାକୁ ଯାଇଛନ୍ତି। ରାତିରେ ଚାଲି ଚାଲି ସୋମବାର ସକାଳୁ ବିଭିନ୍ନ ଶିବ ମନ୍ଦିରରେ ପାଣି ଢାଳିବେ। ଏନେଇ ବ୍ରହ୍ମପୁର ସହରର ଶିବ ମନ୍ଦିର ମାନଙ୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ ରବିବାର ଋଷିକୂଲ୍ୟା, ବାହୁଦା ଆଦି ବିଭିନ୍ନ ନଦୀରେ କାଉଡ଼ିଆଙ୍କ ଭିଡ଼ ପରଲକ୍ଷିତ ହୋଇଛି।

## ଯାତ୍ରା କମିଟି ମହାସଂଘର ବୈଠକ



**ପୁରୁଷୋତ୍ତମପୁର,୩।୮ (ସମିସ):** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ମା' ତାରାତାରିଣୀ ପୀଠ ପାଦଦେଶରେ ଓଡ଼ିଶା ଯାତ୍ରାକମିଟି ମହାସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମହାସଂଘର ସଂଯୋଜକ ମାନସ ରଞ୍ଜନ ରାୟସାମନ୍ତ ଓ ଉପସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଯୁଗୋଳ କିଶୋର ପଣ୍ଡା, ଉପସଭାପତି ରବୀନ୍ଦ୍ର କୁମାର ମହାରଣା, ସମ୍ପାଦକ ଭଗବାନ ଲେଙ୍କା, ସହସମ୍ପାଦକ ହରିହର ବିଶ୍ୱାଳଙ୍କ ସହ କାର୍ଯ୍ୟକାରି କମିଟିରେ କେ.ବିକ୍ରମ, ପଞ୍ଚାନନ ପ୍ରଧାନ, ପ୍ରାଣକୃଷ୍ଣ ସାହୁ, ନୀଳାଞ୍ଚଳ ଗୌଡ଼, ମଧୁସୂଦନ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ଯାତ୍ରାପାର୍ଟିର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ସାଧାରଣ ଗରିବ ଶ୍ରେଣୀର ଦର୍ଶକ ଯାତ୍ରା ଦେଖିବାର ସୁଯୋଗରୁ ବଞ୍ଚିତ ହେଉଛି। ଏଣୁ ଯାତ୍ରା ମାଲିକ ମାନେ ନିକଟରେ ମୂଲ୍ୟ ହ୍ରାସ କରିବା, ଯାତ୍ରା କମିଟିକୁ ସମ୍ମାନ ଦେବା, କମିଟି ଉପରେ ନ୍ୟସ୍ତ କରାଯାଉଥିବା ଦାୟିତ୍ୱକୁ କମାଇବା, ଯାତ୍ରାରେ ପ୍ରଦର୍ଶନ କରାଯାଉଥିବା ଅଶ୍ଳୀଳତା ବନ୍ଦ କରିବା, ଯାତ୍ରାକମିଟି ଓ ଯାତ୍ରାମାଲିକଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲାର ୧୫ଟି ଯାତ୍ରାକମିଟିର ସଦସ୍ୟ ଯୋଗଦେଇଥିଲେ।

## ଅଖିଳ ଭାରତୀୟ ଆୟୁର୍ବେଦିକ ସଂଘର ସମ୍ମିଳନୀ




**ବ୍ରହ୍ମପୁର,୩।୮ (ସମିସ):** ଭାବାନଗରଠାରେ ଅଖିଳ ଭାରତୀୟ ଆୟୁର୍ବେଦିକ ସଂଘର ଜିଲ୍ଲା ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ନୂତନ ପଦାଧିକାରୀ ଚୟନ କରାଯାଇଛି। ସଭାପତି ଭାବେ ଡା. ଅତୁଲ୍ୟ କୁମାର ପଟ୍ଟନାୟକଙ୍କ ଚୟନ ହୋଇଥିବା ବେଳେ ସଧାରଣ ସମ୍ପାଦକ ଡ଼ା. କିରଣ କୁମାର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଡ଼ା. ରବୀନ୍ଦ୍ର ନାଥ ଗନ୍ତାୟତ, କୋଷାଧ୍ୟକ୍ଷ ଭାବେ ଡ଼ା. ବିପିନ ବିହାରୀ ସାହୁ, ସାଂଗଠନିକ ସମ୍ପାଦକ ଡ଼ା. ଶିଶିର କାନ୍ତ ମିଶ୍ରଙ୍କ ସମେତ ସଦସ୍ୟଙ୍କୁ ଚୟନ କରାଯାଇଥିଲା। ଚୟନ ପ୍ରକ୍ରିୟାରେ ରାଜ୍ୟ ସଭାପତି ଧନେଶ୍ୱର ବଳିଆର ସିଂହ, ରାଜ୍ୟ ସମ୍ପାଦକ ଡ଼ା ଶରତ ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଡ଼ା ବ୍ରଜେନ୍ଦ୍ର ପାତ୍ର ଏବଂ ରାଜ୍ୟ ସାଂଗଠାନିକ ସଦସ୍ୟ ପ୍ରଫେସର ଡ଼ା. ସତ୍ୟ ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ଉପସଭାପତି ଡ଼ା. ରାମଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ପରିଶେଷରେ ଡ଼ା କିରଣ କୁମାର ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଟୋ ଚାଳକ ସଂଘର କାର୍ଯ୍ୟକାରିଣୀ ବୈଠକ



**ବ୍ରହ୍ମପୁର,୩।୮ (ସମିସ):** ଆମ୍ବଗଡ ନିକଟ ଠାକୁରାଣୀ ମନ୍ଦିରରେ ବ୍ରହ୍ମପୁର ମହାନଗର ନିଗମ ଅଟୋ ଚାଳକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଟୋ ଚାଳକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ, ସ୍ୱାସ୍ଥ୍ୟ କାର୍ଡ ଯୋଗାଇଦେବା, ସହରର ବିଭିନ୍ନ ଛକମାନଙ୍କରେ ଅଟୋ ଷ୍ଟାଣ୍ଡ ନିର୍ମାଣ, କମ୍ ସୁଧରେ ବ୍ୟାଙ୍କ ଦ୍ୱାରା ଅଟୋ ଚାଳକଙ୍କୁ ଅଟୋ ଯୋଗାଇବା ଓ ସରକାରଙ୍କ ପକ୍ଷରୁ ଅଟୋ ଚାଳକଙ୍କୁ ଶ୍ରମ ବିଭାଗ ଦ୍ୱାରା ପଞ୍ଜୀକୃତ କରିବା ପ୍ରମୁଖ ବିଷୟରେ ଆଲୋଚନା କରାଯାଇଥିଲା। ଏହାସହ ଆସନ୍ତା ବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ବୈଠକରେ ଶ୍ରମିକ ନେତା ଆଇନଜୀବୀ ପୀତବାସ ପଣ୍ଡା, ଚନ୍ଦ୍ରଶେଖର ଗୌଡ଼, ପ୍ରଭାତ କିରଣ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ପାଳ, ଚିନ୍ମୟ କୁମାର ହୋତା, କୁରେଶୁ ଦାସ, ସୁଶାନ୍ତ ବେହେରା, ରଞ୍ଜିତ ପଟ୍ଟନାୟକ ଓ ସୁନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୱାରେଣ୍ଟ ବଳରେ ଫେରାର ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୩।୮ (ସମିସ):** ଏକ ହତ୍ୟା ଉଦ୍ୟମ ମାମଲାରେ ଫେରାର ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ଗୋପାଳପୁର ଥାନା ପୁଲିସ । ସେ ହେଲେ ବଡ଼ଗୁମୁଳା ଗ୍ରାମର ବାଦଲ ନାୟକ। ୨୦୨୪ରେ ବଡ଼ଗୁମୁଳା ଗ୍ରାମର ବାଦଲ ଏକ ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ରହି ଫେରାର ଥିଲା। ଫଳରେ କୋର୍ଟ ପକ୍ଷରୁ ପ୍ରଥମେ ୱାରେଣ୍ଟ ଜାରି କରାଯାଇଥିଲା। ବାରମ୍ବାର ନୋଟିସ ପରେ ସେ କୋର୍ଟରେ ହାଜରହୋଇନଥିଲେ। ବାଦଲ ନିଜ ଗାଁ ଛକରେ ଥିବାବେଳେ ପୁଲିସ ଗିରଫ କରିଛି।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ,୩।୮ (ସମିସ):** ହିଞ୍ଜିଳି ଥାନା ଶିକିରି ଗ୍ରାମରେ ରବିବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ବୁଦ୍ଧିଆ ଦାସ (୩୫)ଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ବୁଦ୍ଧିଆ ସେହି ଗ୍ରାମର ଜୈନିକ ବ୍ୟକ୍ତିଙ୍କ ନିର୍ମାଣାଧିନ ଘର କାର୍ଯ୍ୟରେ ନିୟୋଜିତବେଳେ ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ଉପସ୍ଥିତ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ନେଇଥିବାବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କର ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯିବ ବୋଲି ପୁଲିସ କହିଛି।

## ପିକ୍ଅପ୍ ଧକ୍କାରେ ବାଇକ୍ ଭାଙ୍ଗିଲା

**ହିଞ୍ଜିଳିକାଟୁ,୩।୮ (ସମିସ):** ହିଞ୍ଜିଳି ଥାନା କଞ୍ଚୁରୁ ଛକରେ ଏକ ପରିବା ବୋଝେଇ ପିକଅପ୍ ଧକ୍କାରେ ଏକ ବାଇକ୍ ଚୁର୍‌ମାର୍ ହୋଇଯାଇଛି। ରବିବାର ଅପରାହ୍ନରେ ବ୍ରହ୍ମପୁରଠାରୁ ଏକ ପରିବା ବୋଝେଇ ପିକଅପ୍ ଭ୍ୟାନ୍ (ଓଡି୦୫ବିଜେ ୨୬୪୧) ହିଞ୍ଜିଳି ଥାନା କଞ୍ଚୁରୁ ଛକ ତଥା ୫୯ନଂ ଜାତୀୟ ରାଜପଥ ପାଶ୍ୱର୍ରେ ପାର୍କିଂ କରି ଚାହା ପିଇବାକୁ ଯାଇଥିଲେ। କିଛି ସମୟ ପରେ ପିକଅପ୍ ଭ୍ୟାନଟି ଗଡ଼ି ଗଡ଼ି ଯାଇ ସମ୍ମୁଖରେ ଥିବା ଏକ ବାଇକ୍‌କୁ ଧକ୍କା ନେଇ ରାସ୍ତାପାଶ୍ୱର୍ ନାଳକୁ ଖସିପଡ଼ିଥିଲା। ତେବେ ବାଇକଟି ଭାଙ୍ଗିଯିବାରୁ ବାଇକ୍ ଓ ପିକଅପ୍ ଚାଳକଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିଛି।

## ବେଲଗୁଣ୍ଠା ଏନ୍ଏସିର ମାସିକ ବୈଠକ

**ବେଲଗୁଣ୍ଠା,୩।୮ (ସମିସ):** ବେଲଗୁଣ୍ଠା ଏନଏସିର ମାସିକ ବୈଠକ ନଗରପାଳ ଫିରୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡର କାଉନସିଲ୍ କମିଟିର ସମସ୍ତ ସଭ୍ୟଙ୍କୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଏଥିସହ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ମାନଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ଏହା ସହିତ ଚଳିତ ବର୍ଷର ଆୟବ୍ୟୟ, ସ୍ୱାଧୀନତା ଦିବସ ପାଳନ ଓ ସଂକ୍ଷୟତ ଦିବସ ପାଳନ, ବିଦ୍ୟୁତ୍ ବିଭାଗ, ଶିକ୍ଷା ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନୁଯାୟୀ ସମସ୍ତ ପୋଖରୀର ଉନ୍ନତିକରଣ, ଇ- ଲାଇବ୍ରେରୀ, ପାର୍କ ଆଶ୍ରୟସ୍ଥଳୀର ବିକାଶ ଉପରେ ଆଲୋଚନା ହୋଇଥିଲା। ଅନ୍ୟତମ ଅତିଥି ରୂପେ ସାଂସଦ ପ୍ରତିନିଧି ନାରାୟଣ ସାହୁ ଉପସ୍ଥିତ ଥିବା ବେଳେ କାର୍ଯ୍ୟନିର୍ବାହି ଅଧିକାରୀ ବନମାଳୀ ଶତପଥି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ନଗରପାଳ ଶ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଫୁଲସୁନ୍ଦରୀଙ୍କ ଯାତ୍ରା ପାଇଁ ପ୍ରସ୍ତୁତି

**ଦିଗପହଣ୍ଡି,୩।୮ (ସମିସ):** ଦିଗପହଣ୍ଡି ସହର ନୂଆସାହି ସ୍ଥିତ ଆରାଧ୍ୟ ଦେବୀ ମାଁ ଫୁଲସୁନ୍ଦରୀଙ୍କ ଯାତ୍ରା ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଯାତ୍ରା ଚଳିତ ମାସ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଯାତ୍ରା କମିଟି ସଭାପତି ଭାବେ ପବିତ୍ର ବେହେରା, ଉପସଭାପତି ରାଜା ପଟ୍ଟନାୟକ, ସମ୍ପାଦକ କାହ୍ନୁଚରଣ ପଟ୍ଟନାୟକ, ସହ ସମ୍ପାଦକ ବଳରାମ ସାସମଲ, କୋଷାଧ୍ୟକ୍ଷ ରଞ୍ଜନ ବେହେରା, ଉପଦେଷ୍ଟା ଭାବେ ଗଣପତି ବେହେରା, କୃଷ୍ଣଚନ୍ଦ୍ର ସାହୁ, ପି. ରାଜବାବୁ ଦୋରା, ନରସିଂହ ବେହେରା, ସୁଦାମ ବେହେରା, ଦେବାଶିଷ ସାହୁ, ରାମ ସାହୁ, ଗଣେଶ ସାହୁ, ଶଙ୍କର ପାତ୍ରଙ୍କ ସମେତ ବୁଦ୍ଧିଆ ବେହେରା, ଲବ ପାତ୍ର, ରଞ୍ଜନ ବାଡତ୍ୟା, ରିଙ୍କୁ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ବୈଠକରେ ନୂଆସାହି ଓ ଫୁଲସୁନ୍ଦରୀ ସାହି ସମେତ ସହରର ବହୁ ସଂଖ୍ୟକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## ଅଙ୍ଗନବାଡି କର୍ମୀ ସଂଘର ଜିଲ୍ଲାସ୍ତରୀୟ ବୈଠକ

**ଛତ୍ରପୁର,୩।୮ (ସମିସ):** ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘ ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ସଭାନେତ୍ରୀ ମମତାଜ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଫେସ୍‌କ୍ୟାପ୍‌ଚରିଂ ନାମରେ ଅଙ୍ଗନବାଡି କର୍ମୀଙ୍କ ଦରମା ବନ୍ଦକୁ ତୀବ୍ର ନିନ୍ଦା କରାଯାଇଛି। ବିଭିନ୍ନ କାରଣ ଯଥା ନେଟୱାର୍କ ସମସ୍ୟା ଏବଂ ହିତାଧିକାରୀ ଅନଭିଜ୍ଞତା ଯୋଗୁଁ ଏହି ସବୁ କାର୍ଯ୍ୟ ସମ୍ଭବ ନହେଲେ ଅଙ୍ଗନବାଡି କର୍ମୀଙ୍କ ଦରମା ବନ୍ଦ କରିଦିଆଯାଉଛି, ଯାହା ନିୟମ ବିରୋଧି। ତେଣୁ ତୁରନ୍ତ ୫ଜିର ମୋବାଇଲ ପ୍ରଦାନ କରିବା, ବଜାର ଦର ଅନୁସାରେ ମୋବାଇଲ ରିଚାର୍ଜ ନିମନ୍ତେ ବ୍ୟବସ୍ଥା କରିବା, ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ଅନୁଯାଇ ଭତ୍ତା ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ବିଭିନ୍ନ ବ୍ଲକ ଅଫିସ ଘେରଉ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସଂଘର ରାଜ୍ୟ କାର୍ଯ୍ୟକାରି ସଭାପତି ତଥା ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗ ଦେଇ ଅଙ୍ଗନବାଡ଼ି କର୍ମୀଙ୍କ ସମସ୍ୟା ସମାଧାନ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହେଇଛନ୍ତି। ତେଣୁ ଏହା ବିରୋଧରେ ବ୍ୟାପକ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ଜିଲ୍ଲା ନେତା ନୀଳକଣ୍ଠ ଦାଶ, ସଂଘର ଜିଲ୍ଲା ନେତ୍ରୀ ନର୍ମଦା ନାହାକ, ମାଣିକେଶ୍ୱରୀ ପଟ୍ଟନାୟକ, ପ୍ରତିମା ଦାଶ, ବାସନ୍ତୀ ସାହୁ ଗାୟତ୍ରୀପଣ୍ଡା, ଲକ୍ଷ୍ମୀପ୍ରିୟା ପ୍ରଧାନ, ଦମୟନ୍ତୀ ଦୋରା, ମିତା ମହାପାତ୍ର, ଶକାମ୍ବରୀ ବାରିକି, ମିନାକ୍ଷୀ ଦେବୀ, ମିନତୀ ବରାଡ଼ଙ୍କ ସମେତ ବହୁ ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ।




**ଅମଲା ସଂଘ ଗଞ୍ଜାମ ଶାଖାର ସାଧାରଣ ପରିଷଦ ବୈଠକ**

# ଦାବି ପୂରଣ ନ ହେଲେ ୧୧ରୁ କାର୍ଯ୍ୟବନ୍ଦ ନିଷ୍ପତ୍ତି

**ବ୍ରହ୍ମପୁର,୩।୮ (ସମିସ)**



ଗଞ୍ଜାମ କଳା ପରିଷଦରେ ରବିବାର ଓଡ଼ିଶା ରାଜ୍ୟ ଅମଲା ସଂଘ ଗଞ୍ଜାମ ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଂଘ ଅଧ୍ୟକ୍ଷ ଉଦୟ କୁମାର ଦାସ, ସଭାପତି ପିଏସ୍ ରଜନୀକାନ୍ତ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ ଦିଗରେ ରାଜ୍ୟ ସରକାର ଅବହେଳା କରୁଥିବା ଏଠାରେ କୁହାଯାଇଛି। ଅମଲାଙ୍କ ଦାବି ମୁତାବକ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ-୯କୁ ବୃଦ୍ଧି କରିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା-୮୮୯୮ ଅନୁଯାୟୀ ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବା, ୨୦୨୦ରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା ଏବଂ ଓଡିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦେବା ଭଳି ୯ ଦଫା ଦାବି ପୂରଣ କରିବାକୁ ଦାବି ହୋଇଛି। ଚଳିତ ମାସ ୧୦ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୧୧ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରାମକୃଷ୍ଣ ମହାନ୍ତି, ଗିରିଜା ମିଶ୍ର, କେ. ସୁରେଶ କୁମାର ରେଡୀ, ଡି. ଦିଲେଶ୍ୱର ରେଡୀ ଓ ରାଜୀବ ଲୋଚନ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA
ସୋମବାର
୪ ଅଗଷ୍ଟ, ୨୦୨୫



# ନିଅଣ୍ଟିଆ ବର୍ଷା; ଧିମେଇଛି ବେଉଷଣ

ସୋରଡ଼ା,୩।୮ (ସମିସ)



ଚଳିତ ବର୍ଷର ନିଅଣ୍ଟିଆ ବର୍ଷା ଯୋଗୁଁ ଅଦିନେ ଗ୍ରୀଷ୍ମ ଋତୁର ଅନୁଭୂତି ହୋଇଥିବା ବେଳେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ସୋରଡ଼ା ବ୍ଲକର ବଡ଼ଗଡ଼ ଅଞ୍ଚଳର ହରଭଙ୍ଗି ଜଳସେଚନ ଓ ସୁରମଣି, ନୂଆଗଡ଼, ପାଲକଟୁ ଭଳି କିଛି ଅଞ୍ଚଳରେ ଉଠା ଜଳସେଚନ ଭରସାରେ ଚାଷ କାର୍ଯ୍ୟ ପାଇଁ ଢ଼େର ଭରସା ଥିବା ବେଳେ କାଁ ଭାଁ କିଛି ଜମିରେ ଚାଷ ଆଗେଇଛି। ବର୍ଷକର ଫସଲ ଧାନ ତଳି ପୋଡ଼ି କିଛି ଯାଗାରେ ନଷ୍ଟ ହେବାକୁ ବସିଥିବା ବେଳେ ଏହି ଅଞ୍ଚଳ ପନିପରିବା ଚାଷ ପାଇଁ ବେଶ ପରିଚିତ ଥିବା ହେତୁ ଜନସାଧାରଣ ସାଧାରଣତହ ଜୀବନ ଜୀବିକା ଟମାଟୋ, କୋବି, ବାଇଗଣ ଆଦି ପରିବା ଚାଷ ଉପରେ ନିର୍ଭରଶୀଳ। ନିଅଣ୍ଟିଆ ବର୍ଷା ସାଙ୍ଗକୁ ଜଳର ଅଭାବ ଯୋଗୁଁ ବଦୁର୍ଦ୍ଦିନରେ ରହି ନିଜ ଉଦ୍ୟମରେ ବହୁ କଷ୍ଟ ସାଧରେ ଚାଷୀ ପନିପରିବା ଚାଷ କରିଥିଲେ। କିନ୍ତୁ ଗତ ଜୁଲାଇ ମାସର ଖରାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଚାଷ ପାଇଁ ବ୍ୟବହାର କରାଯାଉଥିବା ପ୍ରାୟ ଦଶ ହଜାର ହେକ୍ଟର ଜମିରୁ ଆଠ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଏ। ଏଥିରୁ ମାତ୍ର ଦଶ ପ୍ରତିଶତ ଜମିରେ ହରଭାଙ୍ଗି ଜଳସେଚନ ଓ ନିଜଉଦ୍ୟମ କ୍ରମେ ଚାଷ କାର୍ଯ୍ୟ ସମ୍ପନ୍ନ ହେଇଥିବା ବେଳେ ସାରା ଗଞ୍ଜାମ ଜିଲ୍ଲାକୁ ପନିପରିବା ଯୋଗାଇ ନୂତନ ପରିଚୟ ସୃଷ୍ଟି କରିଥିବା ଏହି ବ୍ଲକ ର ପନିପରିବା ଚାଷର ଅବସ୍ଥା ଏହିପରି ଦେଖି ଚାଷୀ ଦାଦନ ଖଟିବା ଶ୍ରେୟ ମଣିବା ନେଇ କହିଛନ୍ତି। ଅଞ୍ଚଳର ଏକମାତ୍ର ଜୀବିକା ଚାଷ ଦ୍ୱାରା ଜୀବନ ଧାରଣ କରୁଥିବା ଜନସାଧାରଣଙ୍କ ଅବସ୍ଥା ବର୍ତ୍ତମାନ ସଙ୍ଗୀନ। ଗେଞ୍ଜା,ଗୋପାଳପୁର ଶାସନ, ଅସୁରବନ୍ଧ, ଭଗବାନପୁର,ଗୋଛା ଭଳି କିଛି ଅଞ୍ଚଳର ଚାଷୀମାନେ ଋଷିକୂଲ୍ୟା ନଦୀ ତଟରେ ହେକ୍ଟର ହେକ୍ଟର ଜମି ପାଇଁ ଦୁଇ ତିନି ବର୍ଷ ଧରି ଉଠା ଜଳସେଚନ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଜଳ ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଦୟନୀୟ ସ୍ଥିତି ଦେଖିବାକୁ ମିଳିଛି। ଏଣୁ ଅଞ୍ଚଳର ଜୁରିଆ ଗୌଡ଼, ରାଜେନ୍ଦ୍ର ଗୌଡ଼, ନାରାୟଣ ଗୌଡ଼, ମଙ୍ଗୁଲୁ ମଲ୍ଲିକ, କେଶବ ମଲ୍ଲିକ, କଷିଆ ମଲ୍ଲିକ,ବଂଶୀଧର ପାଣିଗ୍ରାହୀ ଭଳି ଚାଷୀ ଦୟନୀୟ ସ୍ଥିତି ବର୍ଣ୍ଣନା କରିଛନ୍ତି। କେବେ ଉଠା ଜଳସେଚନ ବିଭାଗର ନଜର ପଡୁଛି ତାହା ବାକି ରହିଥିବା ବେଳେ ଉଦ୍ୟାନ କୃଷି ବିଭାଗର ଅଧିକାରୀମାନେ ବିଶେଷ ଧ୍ୟାନ ଦେବା ନିମନ୍ତେ ଦାବି କରିଛନ୍ତି ଚାଷି।

# ତଳି ବଞ୍ଚାଇବାକୁ କୂଅ ପାଣି ଭରସା



ସାନଖେମୁଣ୍ଡି,୩।୮ (ସମିସ): ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଅଞ୍ଚଳରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଅଭାବରୁ ତଳି କିଆରି ଶୁଖି ତଳି ଗୁଡ଼ିକ ନାଲି ପଡିବା ଆରମ୍ଭ ହେବାକୁ ଲାଗିଲାଣି। ଫଳରେ କୂଅରୁ ପାଣି ବୋହି ତଳି ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ପ୍ରକାଶ ଯେ, ଏଠାକାର ଚାଷୀ ବର୍ଷାଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଚଳିତ ବର୍ଷ ମୌସୁମୀ ବିଳମ୍ବିତ ହୋଇଥିଲେ ସୁଦ୍ଧା ଧାନ ବୁଣାବୁଣି କରିବାକୁ ପାଗ ଅନୁକୂଳ ରହିଥିଲା। ସାନଖେମୁଣ୍ଡି ର ପାଟପୁର, ରାଧାଦେଇପୁର, ପଳାଶପୁର, ମହାନଲା, ସାହସପୁର, ଚୁଡ଼ଙ୍ଗପୁର, ରାମଚନ୍ଦ୍ରପୁର ସହ ବିଭିନ୍ନ ଗ୍ରାମରେ ନିଅଣ୍ଟିଆ ବର୍ଷା ଯୋଗୁ ମରୁଡ଼ି ହେବାର ଆଶଙ୍କା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନକୁ ନେଇ ଚାଷୀମାନେ ଧାନ ବୁଣାବୁଣି କରିଥିଲେ। ଏବେ ବେଉଷଣ ପାଇଁ ଜମିରେ ପାଣି ନାହିଁ। ଶ୍ରାବଣରେ ବୈଶାଖର ତାତି ଅନୁଭୂତ ହେଉଥିବାରୁ ବହୁ ସ୍ଥାନରେ ଜମି ଫାଟି ଆଁ ହେଲାଣି। ଧାନ ଗଛ ଗୁଡିକ ପାଣି ଅଭାବରୁ ହଳଦିଆ ଦେଖାଗଲାଣି। ବର୍ଷା ଅଭାବରୁ ଜମି କାଦୁଅ ହୋଇ ପାରୁ ନଥିବାରୁ ରୁଆ କାମ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଜୁଲାଇ ଦ୍ୱିତୀୟ ସପ୍ତାହ ସୁଦ୍ଧା ଧାନ ବେଉଷଣ କାମ ଶେଷ ହେଉଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ହୋଇଛି। ଅନେକ ସ୍ଥାନରେ ଚାଷୀ ଧାନ ତଳିକୁ ବଞ୍ଚାଇବାକୁ ଯାଇ ନିକଟରେ ଥିବା କୂଅ, ନଳକୂପ, ପୋଖରୀରୁ ବାଲଟିରେ ପାଣି ତଳିରେ ପକାଉଥିବା ଦେଖିବାକୁ ମିଳିଛି। ଆଗାମୀ ଏକ ସପ୍ତାହ ମଧ୍ୟରେ ଭଲ ବର୍ଷା ନ ହେଲେ ମରୁଡି ଆଶଙ୍କା ରହିଛି। ଚୁଡ଼ଙ୍ଗପୁର ଗ୍ରାମର ଚାଷୀ ତଥା ସମିତି ସଭ୍ୟ ପ୍ରତିନିଧି ଶ୍ୟାମ ପାତ୍ର କୁହନ୍ତି, ଜୁଲାଇ ଶେଷ ସୁଦ୍ଧା ରୁଆ କାମ ଶେଷ ହେବା କଥା। ହେଲେ ବର୍ଷା ଅଭାବରୁ ଏହି କାମ ଅଟକି ଯାଇ ଚାଷ କାର୍ଯ୍ୟ ପଛେଇ ଗଲାଣି। ଆଗାମୀ ୫ରୁ ୭ ଦିନ ମଧ୍ୟରେ ଭଲ ବର୍ଷାଟିଏ ନ ହେଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି।

# ସାମୂହିକ ସଫେଇ କାର୍ଯ୍ୟକ୍ରମ



ଦିଗପହଣ୍ଡି,୩।୮ (ସମିସ): ଦିଗପହଣ୍ଡି ଏନ୍‌ଏସି ପ୍ରଶାସନ ପକ୍ଷରୁ ରବିବାର ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ନଗରପାଳ ପ୍ରଫୁଲ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ . କୁନା, କାଉନସିଲର ସୁଶାନ୍ତ କୁମାର ପାତ୍ର, ପ୍ରତିନିଧି ରଞ୍ଜିତ ବେହେରା, ରମେଶ ଜେନାଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସଫେଇ କର୍ମଚାରୀ ମାନେ ଉପସ୍ଥିତ ରହି ବ୍ରହ୍ମପୁର ମୁଖ୍ୟରାସ୍ତାର ଦିଗପହଣ୍ଡି ସହର ଉପକଣ୍ଠ ସ୍ୱାଗତ ତୋରଣ ଠାରୁ ପଥପାଶ୍ୱର୍ ସେବାକେନ୍ଦ୍ର, ଶ୍ରୀ ହନୁମାନ ଛକ, ବସଷ୍ଟାଣ୍ଡ, ପୁଞ୍ଜିକୟା ଛକ ଏବଂ ବିଭିନ୍ନ ଗଳିକନ୍ଦିରେ ସଫେଇ କରିଥିଲେ।

## ପରିବେଶବିତ୍‌ଙ୍କ ଗଞ୍ଜାମ ଗସ୍ତ

ଗଞ୍ଜାମ,୩।୮ (ସମିସ): ଗଞ୍ଜାମ ଜିଲ୍ଲା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଏବଂ ଲୁଣା ପାଣିରେ କଙ୍କଡ଼ା ଚାଷ କରିବା ପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି ପରିବେଶବିତ୍। ପୂର୍ବତନ ବନ ସଂରକ୍ଷକ ଡ଼ଃ. ଦେବବ୍ରତ ସ୍ୱାଇଁ, ଭୁବନେଶ୍ୱର ଆଇଆଇଇସି ନିର୍ଦ୍ଦେଶକ ଡ଼ଃ. ଶିଶିର ଦାଶ, ଆଇଜିଏସଏସଏସ କ୍ଷେତ୍ରୀୟ ରାଜ୍ୟ ପରିଚାଳକ ସୁବ୍ରତ କ୍ଷେତ୍ରୀ, ପରିବେଶବିତ ବିଜୟ ବିଶ୍ୱାଳ, ମହେଶ୍ୱର ବରାଡ଼ ପ୍ରମୁଖ ପାଲୁରୁ ଓ ସୁନପୁର ଉପକୂଳବର୍ତ୍ତୀ ଇଲାକା ପରିଦର୍ଶନ କରି ସ୍ଥାନୀୟ କଙ୍କଡ଼ା ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ କଙ୍କଡା ଚାଷ ସମ୍ପର୍କରେ କର୍ମଶାଳା ମାନ ଆୟୋଜିତ କରି ଚାଷ ସମ୍ବନ୍ଧିୟ କରାଯାଇ ଅଧିକ ଚାଷୀ ମାନଙ୍କୁ ଏହି ଚାଷରେ ଯୋଡ଼ାଯିବ ବୋଲି କହିଛନ୍ତି।

● ଗୁଣିଗାରେଡ଼ିକୁ ନେଇ ହତ୍ୟା ଘଟଣାରେ ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀ

# 'ହତ୍ୟାରେ ୬ ଜଡ଼ିତ ଓ ୮ ସହଯୋଗୀ'



ପାରଳାଖେମୁଣ୍ଡି,୩।୮ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳରେ ଗୁଣିଗାରିଡି ସନ୍ଦେହରେ ଜଣକୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଛି। ଯାହାକୁ ନେଇ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣା ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୋହନା ଥାନା ଅନ୍ତର୍ଗତ ରିଚାଗୁଡା ଗ୍ରାମର ଗୋପାଳ ମଲ୍ଲିକ ଗୁଣି ସନ୍ଦେହରେ ହତ୍ୟା କରାଯାଇଥିବା ଏସପି ପ୍ରକାଶ କରି କେଉଁ କାରଣରୁ ଏବଂ କିଭଳି ହତ୍ୟା କରାଯାଇଛି ସୂଚନା ଦେଇଥିଲେ। ରିଚାଗୁଡାଗ୍ରାମର କୋଠଘରେ ରଖି ଗୋପାଳକୁ ଅକଥନୀୟ ନିର୍ଯାତନା ଦେଇଥିଲେ ଅଭିଯୁକ୍ତ। ରାତିରେ ଅଡବା ଥାନା ଅନ୍ତର୍ଗତ ହରଭଙ୍ଗି ଡ୍ୟାମକୁ ନେଇ ଗୋଡହାତ ବାନ୍ଧି ପଥରରେ ମୁଣ୍ଡ, କାନ, ହାତକୁ ଛେଚି ଛେଚି ମାରିଥିଲେ ଓ ଗୁପ୍ତାଙ୍ଗକୁ କାଟି ଡ୍ୟାମ୍‌ରେ ଫିଙ୍ଗିଦେଇଥିଲେ। ରାତିରେ ପୁଲିସ ସୂଚନା ପାଇ ଦୁଇଟି ସ୍ୱତନ୍ତ୍ର ଟିମ୍ କରି ମୃତଦେହକୁ ଉଦ୍ଧାର କରିବା ସହ ଏହି ଘଟଣାରେ ୧୪ ଜଣକୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୬ ଜଣ ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷଭାବେ ଜଡିତ ରହିଥିବା ବେଳେ ୮ ଜଣ ସହଯୋଗୀ ରହିଛନ୍ତି। ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରାଯିବା ସହ ପୁଲିସ୍ ପଥର, ଦୌଡି, ଧାରୁଆ ଅସ୍ତ୍ର ସହ ଫେରାର ହେବା ପାଇଁ ବ୍ୟବହୃତ ହୋଇଥିବା ତିନୋଟି ଅଟୋ ରିକ୍ସା ଜବତ କରିଛି ବୋଲି ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା ସୂଚନା ଦେଛନ୍ତି।

## ଗାଳେରି ମେଡିକାଲ କୋଠାର ଶିଳାନ୍ୟାସ

ଭଞ୍ଜନଗର,୩।୮ (ସମିସ): ଭଞ୍ଜନଗର ଉପଖଣ୍ଡ ଅଧିନସ୍ଥ ଗାଳେରୀ ମେଡ଼ିକାଲର ବିକାଶ ପାଇଁ ୧୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ କୋଠାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଉପାନ୍ତ ଅଞ୍ଚଳର ବିକାଶ ପାଇଁ ବର୍ତ୍ତମାନ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ମେଡିକାଲ ସମ୍ପ୍ରସାରଣ ପାଇଁ ୧୫ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ହେବ। ଏଥିସହ ଅନ୍ୟାନ୍ୟ ଉନ୍ନତି ପାଇଁ ଅନେକ ଟଙ୍କା ଖର୍ଚ୍ଚ ହେବ। ମେଡିକାଲ କାର୍ଯ୍ୟ ୧୮ ମାସରେ ସରିବ। ଏହାପରେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ବିଧାୟକ ନାୟକ କହିଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ସତ୍ୟ ରଞ୍ଜନ ପରିଡ଼ା, ଭଞ୍ଜନଗର ମେଡିକାଲ ଅଧୀକ୍ଷକ ଡ. ଶୀତାଂଶୁ ଶେଖର ଶତପଥୀ, ଗାଳେରୀ ମେଡିକାଲ ଅଫିସର୍ ଡ ଭଗବାନ ସାହୁ, ନିର୍ବାହୀଯନ୍ତ୍ରୀ ପ୍ରତାପ ଚନ୍ଦ୍ର ନାୟକ, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡ଼ି, ଜିଲ୍ଲାପରିଷଦ ଏମ୍‌ପି ପ୍ରତିନିଧି ଶିବଶଙ୍କର ପ୍ରଧାନ, ରବୀନ୍ଦ୍ର ଗୌଡ଼, ସରପଞ୍ଚ ସୁମିତ୍ରା ଗୌଡ଼, ସମିତିସଭ୍ୟା ମାମାଜିନି ଗୌଡ଼, ରବୀନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ହାଇକୋର୍ଟ ଆଇନଜୀବୀ ନିରଞ୍ଜନ ସ୍ୱାଇଁ , ସୁବାସ ବରାଡ଼, ମନୋଜ ପ୍ରଧାନ, ମନୋଜ ପଣ୍ଡା, ଧବଳେଶ୍ୱର ମାଝୀ, ଧୋବା ଗୌଡ଼, ଗୋଲା, ମାନସ ଜେନା, ଟୁନା ବେହେରା, ସୁବାସ ପ୍ରଧାନ, ସୁନୀଲ ନାୟକ, ଶ୍ରୀନିବାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଣ୍ଡମରାଇ କ୍ଲଷ୍ଟରର ମାସିକ ବୈଠକ



ଧରାକୋଟ,୩।୮ (ସମିସ): ଧରାକୋଟ ବ୍ଲକର ଗଡ ଦାମୋଦରପଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଣ୍ଡମରାଇ କ୍ଲଷ୍ଟରର ମାସିକ ବୈଠକ ସିଆରସିସି ଶର୍ମିଷ୍ଠା ପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ସୌରୀ ଶଙ୍କର ବେହେରା ଯୋଗଦେଇ ଏହାର ଶୁଭାରମ୍ଭ କରିଥିବା ବେଳେ ଅତିଥି ଭାବରେ ଖଲିକୋଟ ଡ଼ାଏଟର ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ଓ ଏବିଇଓ ବିଭୂତି ଭୂଷଣ ପାତ୍ର ଉପସ୍ଥିତ ରହିଥିଲେ। ଏହି ଅବସରରେ ଅଗଷ୍ଟ ମାସର ସୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟାଜ୍ଞାନ ଆଧାରିତ ନମୁନା ପାଠ ଯୋଜନା, ଗତିବିଧି ଯୋଜନା, ପାଠଟୀକା ପ୍ରସ୍ତୁତି ଏବଂ ସାମଗ୍ରିକ ପ୍ରଗତିପତ୍ର ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ସରଳୀକରଣ ଶିକ୍ଷାଦାନ ପଦ୍ଧତି ସହ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ଓ ଗୁଣାକ ବିକାଶ ଉପରେ ଆଲୋକପାତ କରିଥିଲେ। ଏଥିରେ ଢଉଗାଁ ଓ ମୁଣ୍ଡମରାଇ କ୍ଲଷ୍ଟରର ୧୫ଟି ବିଦ୍ୟାଳୟର ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ସିଆରସିସି ଶର୍ମିଷ୍ଠା ପାତ୍ର ଏଥିରେ ସଂଯୋଜନା କରିଥିବା ବେଳେ ଗଡଦାମୋଦରପଲ୍ଲୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛାୟା ଦେବୀ, ଶିକ୍ଷକ ପ୍ରଫୁଲ୍ଲ ବେହେରା, ନିରଞ୍ଜନ ପଟ୍ଟନାୟକ, ଦୀପ୍ତି ନାୟକ, ନମିତା ଦାସ ପ୍ରମୁଖ ସହଯୋଗ କରିଥିଲେ।

## ତିନି ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟା

ଗଞ୍ଜାମ,୩।୮ (ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ତିନି ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଦୁଇଦିନ ହେଲା ତିନି ନମ୍ବର ୱାର୍ଡର ଦୁର୍ଗାଦେବୀ ସାହି, ଆଖଡ଼ାବନ୍ଧ ସାହି, ବଜାର ଗୌଡ଼ ସାହିରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଯୋଗ କରାଯାଇଥିବା ଟେପରୁ ପାନୀୟ ଜଳ ଆସୁନଥିବା ଦେଖିବାକୁ ମିଳିଛି। ଫଳରେ ଅଞ୍ଚଳବାସୀ ପାନୀୟ ଜଳ ଟିକକ ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗିୟ କର୍ତ୍ତୃପକ୍ଷ, ଜନ ପ୍ରତିନିଧି ନିରବଦ୍ରଷ୍ଟା ସାଜିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସମାଜସେବୀ ମନ ମୋହନ ମହାପାତ୍ର ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ବିଭାଗିୟ କର୍ତ୍ତୃପକ୍ଷ ସ୍ଥାୟୀ ସମାଧାନ କରିବା ନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ବାଳମୁକୁନ୍ଦ କେନ୍ଦ୍ରର ବନ୍ଧୁତା ଦିବସ



ପାରଳାଖେମୁଣ୍ଡି,୩।୮ (ସମିସ): ଅନ୍ତର୍ଜାତୀୟ ବନ୍ଧୁତା ଦିବସ ଅବସରରେ ବାଳ ମୁକୁନ୍ଦ କେନ୍ଦ୍ର ତରଫରୁ ସ୍ଥାନୀୟ ଆର୍ବନ ହଷ୍ଟେଲରେ ସ୍ୱାମୀ ମୁକୁନ୍ଦାନନ୍ଦ ଜୀଙ୍କ ବାର୍ତ୍ତା "ବନ୍ଧୁଭାବ ରଖିବା ହିଁ ଜୀବନ ସମ୍ପଦ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ବନ୍ଧୁତ୍ୱ ସ୍ଥାପନ କରିବା ସହିତ ବନ୍ଧୁଭାବ ସମସ୍ତ ପ୍ରାଣୀଜଗତରେ ରଖିବା ପାଇଁ ବୁଝାଇଥିଲେ। ଶେଷରେ ପିଲାମାନେ ବିଭିନ୍ନ ନାଚଗୀତ ପରିବେଷଣ କରିବା ସହିତ ସେବା ଓ ସମର୍ପଣ ଭାବ ପ୍ରକାଶ କରିଥିଲେ।

## ଅଙ୍ଗାରଗାଁରେ ଚାରାରୋପଣ



କୋଦଳା,୩।୮ (ସମିସ): ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତର ଅଙ୍ଗାରଗାଁ- ନୂଆଗଡ ମୁଖ୍ୟ ରାସ୍ତା କଡ଼ରେ ଜୀବନ ଦ୍ୟୁତି ଏଜୁକେସନାଲ୍ ଆଣ୍ଡ ଚାରି ଟେବୁଲ୍ ଟ୍ରଷ୍ଟ, ନୂଆଗଡ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଟ୍ରଷ୍ଟ ସଦସ୍ୟ ଆରତ କୁମାର ବେହେରା, ଶୁଶାନ୍ତ କୁମାର ସ୍ୱାଇଁ, ତପନ ପ୍ରଧାନ, ଟୁକୁନା ପ୍ରଧାନ ସମେତ ବହୁ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିବା ସହ ବୃକ୍ଷରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାର ଫୁଲ, ଫଳ ଆଦି ଚାରା ରୋପଣ କରାଯାଇଥିଲା।

## ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଦିଗପହଣ୍ଡି,୩।୮ (ସମିସ): ଦିଗପହଣ୍ଡି ବଜାର ସାହି ପୂଜା କମିଟି ପକ୍ଷରୁ ୪୫ ତମ ଗଣେଶ ପୂଜା ମହୋତ୍ସବ ନିମନ୍ତେ ରବିବାର ବଜାର ଗାନ୍ଧୀଛକ ସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପଣ୍ଡିତ ରଞ୍ଜନ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହି ସମୟରେ ପୂଜା କମିଟି କର୍ମକର୍ତ୍ତା ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କମିଟି ସଦସ୍ୟ ବିଚିତ୍ରାନନ୍ଦ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ବଜାର ସାହି ଗାନ୍ଧୀ ଛକଠାରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଗଣେଶ ପୂଜା ମହୋତ୍ସବକୁ ଶାନ୍ତିଶୃଙ୍ଖଳା ଏବଂ ଆଡମ୍ବର ସହ ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇ ପୂର୍ବ କମିଟିକୁ ଅପରିବର୍ତ୍ତିତ ରଖାଯିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ପୂଜା ମହୋତ୍ସବ ପରିଚାଳନା କମିଟିରେ ପ୍ରଦୀପ କୁମାର ପଣ୍ଡା, ନୀଳମାଧବ ଗୌଡ଼, ଶିବ ଶଙ୍କର ମହାକୁଡ, ନରେନ୍ଦ୍ର ସାହୁ, ଲଲାଟେନ୍ଦୁ ପଧାନ, ଆଶିଷ ପଟ୍ଟନାୟକ, ରବୀନ୍ଦ୍ର ମାର୍ଥା, ବାବୁ ଦାସ, କେ. ରାଜୁ, କୁନା ପାତ୍ର, ଅଶୋକ ନନ୍ଦ, ସୁଧାଂଶୁ ପାଣିଗ୍ରାହୀ, ବାରିକ ବେହେରା , ଜେ .ମିଟୁ ରାଓ, ଦେବେନ୍ଦ୍ର ଗୌଡ଼, ରଞ୍ଜିତ ବେହେରା, ଦେବରାଜ ସାହୁ, ଓଡି . ଅରବିନ୍ଦ, କିରଣ ପାଢ଼ୀଙ୍କ ସମେତ ବହୁ ସଦସ୍ୟ ରହିଛନ୍ତି।



ପଞ୍ଚାୟତ ପ୍ରଶାସନର ଦାୟିତ୍ୱହୀନତା

# ଡ୍ରେନ୍ ଉପରେ ସ୍ଲାବ୍ ନପକାଇ ଠିକାଦାର ଛୁ'

କୁକୁଡ଼ାଖଣ୍ଡି,୩।୮ (ସମିସ)




ଲାଠୀ-ବ୍ରହ୍ମପୁର ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ଦୁଇ ବର୍ଷ ତଳୁ ଡ୍ରେନ୍ ନିର୍ମାଣ ହୋଇଛି। ହେଲେ ଡ୍ରେନ୍ ଉପରେ ପ୍ଲେଟ ଗୁଡ଼ିକ ଭଲ ଭାବେ ପଡ଼ିନି। ଅଧା ଅଧୁରା କାମ କରି ଠିକାଦାର ଛୁ'। ମୁକୁଳା ଡ୍ରେନ୍‌ରେ ରବିବାର ପୂର୍ବାହ୍ନରେ ଗାଁର ଅରୁଣ ଗୌଡ଼ଙ୍କ ଏକ ଗାଇ ପଡ଼ି ଖଣ୍ଡିଆ ଖାବରା ହୋଇଛି। ଅରୁଣଙ୍କ ସମେତ ଗ୍ରାମବାସୀ ଗାଇଟିକୁ ଉଦ୍ଧାର କରିବାକୁ ଦୀର୍ଘ ସମୟ ଧରି କସରତ କରି ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ଗାଇଟିକୁ ଉଦ୍ଧାର କରିଥିଲେ।

ତେବେ ଏହା କେବଳ ଆଜିର ଘଟଣା ନୁହେଁ ମୁକୁଳା ଡ୍ରେନ୍‌ରେ ପଡ଼ି ବାରମ୍ବାର ଗାଈଗୋରୁ ଏମିତି ଛଟପଟ ହେଉଛନ୍ତି। ପଞ୍ଚାୟତ ପ୍ରଶାସନ ସବୁ ଜାଣି ଅଜଣା ହେଉଛି। ଦୁଇ ବର୍ଷ ପୂର୍ବେ ଡ୍ରେନ୍ ଗୁଡ଼ିକ ନିର୍ମାଣ କରାଯାଇଥିଲା। ଡ୍ରେନ୍ ଉପରେ ପଡ଼ିବାକୁ ସ୍ଲାବ୍ ମଧ୍ୟ ନିର୍ମାଣ ହୋଇଥିଲା। ହେଲେ ଠିକାଦାର ତରବରିଆ ଅଧେ ଡ୍ରେନ୍‌ରେ ସ୍ଲାବ ପକାଇ ଆଉ ଅଧେ ମୁକୁଳା ଛାଡ଼ି ସମ୍ପୂର୍ଣ୍ଣର୍ ବିଲ୍ ନେଇ ଛୁ' ମାରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା କେବଳ ଗୋଟିଏ ଡ୍ରେନ୍‌ର ଅବସ୍ଥା ନୁହେଁ ଲାଠୀ ଗାଁର ଅଧିକାଂଶ ଡ୍ରେନ୍ ଉପରେ ସ୍ଲାବ୍ ପଡ଼ିନି। ଫଳରେ ଏହା ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ମରଣଯନ୍ତା ସାଜିଛି। ମୁକୁଳା ଡ୍ରେନ୍ ଯୋଗୁଁ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏନେଇ ପଞ୍ଚାୟତ ପ୍ରଶାସନ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି। ବ୍ଲକ ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଉଦ୍ଧାର ଯୁବକଙ୍କୁ ପରିବାରକୁ ହସ୍ତାନ୍ତର

ଗଞ୍ଜାମ,୩।୮ (ସମିସ): ଗଞ୍ଜାମ ଷ୍ଟେସନ ଅଞ୍ଚଳରେ ବୁଲୁଥିବା ଜଣେ ଯୁବକଙ୍କୁ ଇକୋ ୱାରିଅର୍ ସଂଗଠନର ସଦସ୍ୟମାନେ ଉଦ୍ଧାର କରି ଶନିବାର ସନ୍ଧ୍ୟାରେ ଥାନାରେ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ଯୁବକଙ୍କ ପରିବାର ଯୋଗାଯୋଗ କରିବାରେ ଯୁବକଙ୍କ ନାମ ସାଲାତାୟ କରଟିଆ ବାପା ରଘୁ କରଟିଆ ଘର ରାୟଗଡା ଜିଲ୍ଲା ଗ୍ରାମ କାଢ଼ାଘାଟି ବୋଲି ଜଣାପଡିଥିଲା। ରବିବାର ଯୁବକଙ୍କ ବାପା ଥାନାରେ ପହଞ୍ଚିବା ପରେ ଆଇଆଇସି ସୁମିତ୍ରା ପାତ୍ର, ଏଏସ୍‌ଆଇ ସୁପ୍ରଭା ସାହୁ ଏବଂ ଇକୋ ୱାରିଆର ଫାଉଣ୍ଡେସନର ସଭାପତି ସୀମାଞ୍ଚଳ ଦାସ, ପ୍ରଭାତ ବିଶ୍ୱାଳ, ପ୍ରଭାତ ସାହୁ କରୁଣା ନିଧି ରେଡ୍ଡୀ, କିରଟ ରେଡ୍ଡୀ, ବିଭୂତି, ଉମା, ଶ୍ରବଣ, ପ୍ରତୀକଙ୍କ ଉପସ୍ଥିତରେ ଉଦ୍ଧାର ଯୁବକଙ୍କୁ ହସ୍ତାନ୍ତର କରାଯାଇଥିଲା।

